## ଜଳବାୟୁ ପରିବର୍ତ୍ତନର ଧାନ ଫସଲ ଉପରେ ପ୍ରଭାବ

- ଫୁଲ ଧରିବାର ପରବର୍ତ୍ତୀ ସମୟରେ ରାତିର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଗଛର କେଣ୍ଡା ଛୋଟ ହୋଇଥାଏ ଓ ଚାଉଳ ମଧ୍ୟ ନିମ୍ନ ମାନର ହୋଇଥାଏ ।
- ବର୍ଷା କମ୍ ହେଲେ ବୁଣାଧାନରେ ବିଶେଷ କ୍ଷତି ହୋଇଥାଏ ।
- ଧାନରେ ଅଧିକ ଅଗାଡ଼ି ଯୋଗୁଁ ଧାନର ଅମଳ କମ୍ ହୋଇଥାଏ ।
- ତାପମାତ୍ରା ବୃଦ୍ଧି ଯୋଗୁଁ ଧାନ ଫସଲରେ ବିଭିନ୍ନ ପ୍ରକାର ପୋକ ଓ ରୋଗ ଆକ୍ରାନ୍ତ ହୋଇଥାଏ । ଯଥା-ଲେଡ଼ା ପୋକ, କାଣ୍ଡ ବିନ୍ଧା ପୋକ ଏବଂ ପତ୍ରପୋଡ଼ା ରୋଗ ।
- ଧାନ ଓ ଘାସ ସହିତ ଖାଦ୍ୟ ପାଇଁ ଆଲୋକ ସଂଶ୍ଳେଷଣରେ ପ୍ରତିଯୋଗିତା ହୋଇଥାଏ ।








## ଜଳବାୟୁ ପରିବର୍ତ୍ତନର ଡ଼ାଲି ଜାତୀୟ ଫସଲ ଉପରେ ପ୍ରଭାବ

ଡ଼ାଲି ଜାତୀୟ ଫସଲ ଗୁଡ଼ିକ ନାଇଟ୍ରସ ଅକ୍ସାଇଡ଼୍ ନିର୍ଗତକୁ କମାଇଥାଏ । କିନ୍ତୁ ମିଥେନ୍ ଗ୍ୟାସ ପ୍ରତି ବିଶେଷ ପ୍ରଭାବ ପକାଇ ନଥାଏ । ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ୟାସ ସଂଗ୍ରହ କରି ମାଟିରେ ସଂରକ୍ଷଣ କରିବାରେ ସାହାଯ୍ୟ କରିଥାଏ ।

ତେଣୁ ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁର ଯେଉଁ ବ୍ୟାପକ ପରିବର୍ତ୍ତନ ଦେଖା ଦେଇଛି, ତାକୁ ଖାପ ଖୁଆଇଲା ଭଳି ଫସଲ ଓ ଚାଷ ପ୍ରଣାଳୀ ଅବଲମ୍ବନ କଲେ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ କୃଷିର ଉତ୍ପାଦନ ବୃଦ୍ଧି କରାଯାଇ ପାରିବ ।




ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ, ସହିତ ଯୋଗାଯୋଗ କରନ୍ତୁ ।

# ଜଳବାୟୁ ପରିବର୍ତ୍ତନ ଓ କୃଷି ଉପରେ ପ୍ରଭାବ



ବିଷୟବସ୍ତୁ

**ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ**

ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଇଂ. ବିମଳେନ୍ଦୁ ମହାନ୍ତି**

ବିଷୟବସ୍ତୁ ବିଶେଷଜ୍ଞ (କୃଷି ଯାନ୍ତ୍ରିକ)

**କୁମାରୀ ଇପ୍‌ସୀତା ମିଶ୍ର**

ବିଷୟବସ୍ତୁ ବିଶେଷଜ୍ଞ (ଫସଲ ସଂରକ୍ଷଣ)

**ଶ୍ରୀ ଜ୍ଞାନରଞ୍ଜନ ସାହୁ**

ବିଷୟବସ୍ତୁ ବିଶେଷଜ୍ଞ (ବନ ବିଜ୍ଞାନ)

ମୁଖ୍ୟ ସଂପାଦିକା

**ଡଃ. ବିନୀତା ଶତପଥୀ**

କାର୍ଯ୍ୟକ୍ରମ ସଂଯୋଜିକା

## କୃଷି ବିଜ୍ଞାନ କେନ୍ଦ୍ର ଅନୁଗୁଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

## ଜଳବାୟୁ ପରିବର୍ତ୍ତନ ଓ କୃଷି ଉପରେ ପ୍ରଭାବ

ସାଧାରଣତଃ ଜଳବାୟୁ କହିଲେ ଏକ ବିସ୍ତିର୍ଣ୍ଣ ଅଞ୍ଚଳର ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣିପାଗ ଅବସ୍ଥାକୁ ବୁଝାଯାଏ । ଯେପରିକି ରାଜ୍ୟ, ଦେଶ, ମହାଦେଶରେ ମାସ, ଋତୁ, ବର୍ଷ ପର୍ଯ୍ୟନ୍ତ, ଅନୁଭୂତ ହେଉଥିବା ପାଣି ପାଗ ଜଳବାୟୁ କୃଷି ଉପରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁର ବ୍ୟାପକ ପରିବର୍ତ୍ତନ ସବୁ ଦେଖା ଦେଇଛି । କାରଣ ପ୍ରାକୃତିକ ସମ୍ପଦ ଯଥା ଜମି, ଜଳ ଓ ଜଙ୍ଗଲ ଇତ୍ୟାଦିର ସଦୁପଯୋଗ ହୋଇ ପାରୁନାହିଁ ।

## ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ

(କ) ସବୁଜ ଗୃହରୁ ନିର୍ଗତ ଗ୍ୟାସ ଯଥା-ଅଙ୍ଗାରକାମ୍ଳ, ନାଇଟ୍ରସ୍ ଅକ୍ସାଇଡ୍, ମିଥେନ୍ ଓ କାର୍ବନ ମନୋକ୍ସାଇଡ୍ ତାପମାତ୍ରା ବୃଦ୍ଧି କରିଥାନ୍ତି ଓ ବାୟୁମଣ୍ଡଳକୁ ଉତ୍ତପ୍ତ କରିଥାନ୍ତି ।

(ଖ) ବିଭିନ୍ନ ଶିଳ୍ପ ଓ ଖଣି ପ୍ରତିଷ୍ଠା ଯୋଗୁଁ ମଧ୍ୟ ସବୁଜ ଗୃହ ଗ୍ୟାସ ସୃଷ୍ଟି ହୋଇଥାଏ ।

(ଗ) ବୃଷ୍ଟିପାତ ଧୀରେ ଧୀରେ କମି ଯାଉଛି ଓ ବୃଷ୍ଟିଦିନର ସଂଖ୍ୟା ମଧ୍ୟ କମିବାରେ ଲାଗିଛି ।

(ଘ) ବରଫ ଅଞ୍ଚଳର ଆୟତନ ହ୍ରାସ ପାଇଛି ।

(ଙ) ସମୁଦ୍ର ପଉନ ଉଚ୍ଚତା ବୃଦ୍ଧି ପାଉଛି ।



## ଜଳବାୟୁ ପରିବର୍ତ୍ତନର ପ୍ରଭାବ

- ମୌସୁମୀ ବର୍ଷା ପହଞ୍ଚିବାରେ ବିଳମ୍ବ ହେଉଛି ।
- ଶୀତ ଦିନିଆ ବର୍ଷାର ପରିମାଣ ଧୀରେ ଧୀରେ କମି ଯାଉଛି ।
- ମେଘୁଆ ପାଗ ବେଶୀ ଦିନ ଲାଗି ରହୁଛି ।
- ଦିନ ଓ ରାତିର ତାପମାତ୍ରା ବୃଦ୍ଧି ।
- ଗ୍ରୀଷ୍ମ ଋତୁ ଅଧିକ ଦିନ ଉପଲବ୍ଧି ହେବ ।
- ଶୀତ ଋତୁର ଅବଧି କମି ଯାଇ କମ୍ ଥଣ୍ଡା ହେବ ।
- ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ପାଇବ ।
- ଦୀର୍ଘ ଦିନ ଧରି ପାଗ ଶୁଖିଲା ରହିବ ।
- ଭୂଜଳ ପରିମାଣ କମିଯିବ ।
- ଅଧିକ ଲଘୁଚାପ ସୃଷ୍ଟି
- ମରୁଡ଼ି ଓ ବନ୍ୟାର ସମ୍ଭାବନା ।

## ଜଳବାୟୁ ପରିବର୍ତ୍ତନର କୃଷି ଉପରେ ପ୍ରଭାବ

- ଜଳବାୟୁର ଏହି ବ୍ୟାପକ ପରିବର୍ତ୍ତନ କୃଷି ଉପରେ ବିଭିନ୍ନ ପ୍ରକାର କୁ ପ୍ରଭାବ ପକାଇଥାଏ ।
- ଫସଲ ଗୁଡ଼ିକର ଅବଧି କମି ଯିବା ସହ ଫସଲର ଅମଳ ହ୍ରାସ ପାଇଥାଏ ।
- ମାଟି କ୍ଷୟ ହେବା ସହ ମାଟିର ଗୁଣାତ୍ମକ ମାନ କମି ଯାଇଥାଏ ।
- ମାଟିର ଜୈବିକ ଅଂଶ ନଷ୍ଟ ହୋଇଯାଉଛି ।
- ଫସଲରେ ଅଧିକ ପୋକ ଓ ରୋଗ ଦେଖାଯାଉଛି ।
- ଉପକୂଳବର୍ତ୍ତୀ ଅଞ୍ଚଳର ମାଟି ଅଧିକ ମାତ୍ରାରେ ଲୁଣି ହେଉଛି ।
- ଫସଲରେ ଅଧିକ ଜଳର ଆବଶ୍ୟକତା ପଡ଼ିଥାଏ ।
- ଚାଷ ଉପଯୋଗୀ ଜମିର ସଂଖ୍ୟା କମି ଯାଉଛି ।

## ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବର ମୁକାବିଲା ପାଇଁ ଆବଶ୍ୟକୀୟ ପଦକ୍ଷେପ

- ଫସଲର ବିବିଧୀ କରଣ ।
- ଉନ୍ନତ ଚାଷ କୌଶଳ ଅବଲମ୍ବନ ।
- ଫସଲର ବୁଣିବା ସମୟର ପରିବର୍ତ୍ତନ ।
- ଅନୁମୋଦିତ ସୁଷମ ସାର ପ୍ରୟୋଗ, ମାଟି ପରୀକ୍ଷା କରି ସମନ୍ୱିତ ପୋକ ରୋଗ ପରିଚାଳନା ।
- ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ।
- ମୃତ୍ତିକା ସଂରକ୍ଷଣ କରି ଜମି ପରିଚାଳନା ।
- ଜୈବିକ ଖାଦ୍ୟସାର ପାଇଁ ଜିଆ ଖତ ଭଳି ଉନ୍ନତ ମାନର କମ୍ପୋଷ୍ଟ ବ୍ୟବହାର ।
- ପତିତ ଜମିରେ ଫସଲ ଚାଷ କରି ପରିବେଶ ସୁରକ୍ଷା କରିବା ସହିତ ଅଧିକ ନିଯୁକ୍ତି ଓ ରୋଜଗାର ସୃଷ୍ଟି କରିବା ।

## ଜଳବାୟୁ ପରିବର୍ତ୍ତନରେ କୃଷି ପରଚାଳନା ପାଇଁ ସମ୍ଭାବ୍ୟ ପଦକ୍ଷେପ

**ମରୁଡ଼ି :** ମରୁଡ଼ି ସହଣୀଶୀଳ କିସମ, ପାଣିର ସଦୁପଯୋଗ, ଅଧିକ ବୃକ୍ଷ ରୋପଣ ।

**ବାତ୍ୟା :** ସ୍ୱଳ୍ପ ଅବଧିର ଫସଲ କିସମ, ବାତ୍ୟା ସହଣୀଶୀଳ କିସମ ବ୍ୟବହାର ।

**ତାପମାତ୍ରା ପରିବର୍ତ୍ତନ :** ଫସଲ ଓ ଫସଲ ପର୍ଯ୍ୟାୟର ପରିବର୍ତ୍ତନ କରିବା । ଗରମ ଓ ଥଣ୍ଡା ସହନଶୀଳ କିସମ ବ୍ୟବହାର କରିବା । ପାଣି ପାଗର ପରିବର୍ତ୍ତନ ଅନୁଯାୟୀ ଫସଲ ଚାଷ କରିବା ।

**ଅତିଶୟ ପ୍ରତିକୂଳ ପାଣିପାଗ:** ବର୍ଷାର ଅନିୟମିତତା, ଅଧିକ ସିନ ଗ୍ରୀଷ୍ମ ବା ବର୍ଷା, କମ୍ ଅବଧି ଶୀତ ହେଲେ ଫସଲର ବିବିଧୀକରଣ, ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ ର ସୁବିଧା କରିବା ।

## ନଦୀ ଉପକୂଳବର୍ତ୍ତୀ ମୃତ୍ତିକା କ୍ଷୟ

ବଭିନ୍ନ ପ୍ରକାର ବୃକ୍ଷ ରୋପଣ ଦ୍ୱାରା ନଦୀ ଉପକୂଳବର୍ତ୍ତୀ ମୃତ୍ତିକା କ୍ଷୟକୁ ରୋକାଯାଇ ପାରିବ ।